# NATIONAL NEWS BULLETIN (ODIA)
## 9 December - 2025
## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ଜାତୀୟ ଗୀତ ବନ୍ଦେ ମାତରମ ମାଧ୍ୟମରେ ଦେଶର ସାଂସ୍କୃତିକ ବୈଭବ ଓ ଜାତୀୟତାବାଦ ପୁନଃସ୍ଥାପିତ ହୋଇଥିଲା- ରାଜ୍ୟସଭାରେ କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଲୋକସଭାରେ ନିର୍ବାଚନୀ ସଂସ୍କାର ଉପରେ ଜାରି ରହିଛି ଆଲୋଚନା ।
- ମାନବାଧିକାର ଦିବସ ପାଳନ ଅବସରରେ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସମ୍ବୋଧନ କରିବେ ରାଷ୍ଟ୍ରପତି ।
- ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ସ୍ଥିରତା ବଜାୟ ରଖିବା ଉପରେ ସହଭାଗୀ ପ୍ରତିବଦ୍ଧତା ପ୍ରକାଶ କଲେ ଭାରତ ଓ ବ୍ରୁନେଇ ।

ଏବଂ

- ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେଲା ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ।

---

# ଆର୍‌ଏସ୍ ବନ୍ଦେ ମାତରମ

ଜାତୀୟ ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜ୍ୟସଭାରେ ଆଜି ସ୍ୱତନ୍ତ୍ର ଆଲୋଚନା ହୋଇଛି । ଆଲୋଚନା ଆରମ୍ଭ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ଏହି ଅମର କୃତୀ ଭାରତମାତା ପ୍ରତି କର୍ତ୍ତବ୍ୟ ଓ ଭକ୍ତିର ଭାବନା ଜାଗ୍ରତ କରୁଛି । ସ୍ୱାଧୀନତା ସଂଗ୍ରାମ ସମୟରେ ଏବଂ ବର୍ତ୍ତମାନ ଓ ୨୦୪୭ ବିକଶିତ ଭାରତ କାଳରେ ମଧ୍ୟ ବନ୍ଦେ ମାତରମର ପ୍ରାସଙ୍ଗିକତା ରହିବ ବୋଲି ସେ କହିଛନ୍ତି । ସ୍ୱାଧୀନତା ସଂଗ୍ରାମ କାଳରେ ପ୍ରତ୍ୟେକ ସଭା ବନ୍ଦେ ମାତରମ ଗାନ ସହିତ ଆରମ୍ଭ ହେଉଥିଲା ଏବଂ ଆଜି ମଧ୍ୟ ସୀମାରେ ସର୍ବୋଚ୍ଚ ବଳିଦାନ ଦେଉଥିବା ଜବାନ ବନ୍ଦେ ମାତରମ ଉଚ୍ଚାରଣ କରୁଛନ୍ତି ।

**V/O (Amit Saha)**

ସମସ୍ତ ପ୍ରତିବନ୍ଧକ, ଅତ୍ୟାଚାର ଏବଂ କଷ୍ଟକୁ ଅତିକ୍ରମ କରି ବନ୍ଦେ ମାତରମ ଦେଶବାସୀଙ୍କ ହୃଦୟକୁ ସ୍ପର୍ଶ କରିବା ସହ କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବ୍ୟାପିଥିଲା । ଶ୍ରୀ ଶାହା କହିଛନ୍ତି ବନ୍ଦେ ମାତରମ ମାଧ୍ୟମରେ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟ ଦେଶର ସାଂସ୍କୃତି ବୈଭବ ଏବଂ ଭାରତ ମାତାକୁ ପୂଜା କରିବାର ପରମ୍ପରା ଓ ଜାତୀୟତାବାଦ ପୁନଃସ୍ଥାପିତ ହୋଇଥିଲା ।

ଆଲୋଚନାରେ ଅଂଶଗ୍ରହଣ କରି ବିରୋଧି ଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ସ୍ୱାଧୀନତା ସମୟରେ କଂଗ୍ରେସ ବନ୍ଦେ ମାତରମ ସ୍ଲୋଗାନ ଦେଇଥିଲା ।

# ଏଲ୍ଏସ୍ ଡିସ୍କସନ ଇଲେକ୍ସନ

ଲୋକସଭାରେ ଆଜି ନିର୍ବାଚନ ସଂସ୍କାର ଉପରେ ଆଲୋଚନା ଆରମ୍ଭ ହୋଇଛି । ଏଥିରେ ଅଂଶଗ୍ରହଣ କରି ଅଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘଓ୍ୱାଲ କହିଛନ୍ତି, ସ୍ୱାଧୀନତା ପରଠାରୁ ସମସ୍ତଙ୍କୁ ସମାନ ଭୋଟ୍ଦାନ ଅଧିକାର ମିଳିଛି । କଂଗ୍ରେସ ଶାସନ ସମୟରେ ବହୁବାର ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କରାଯାଇଥିଲା ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ନାରୀଶକ୍ତି ବନ୍ଦନ ଅଧିନିୟମ ପାରିତ କରିଛନ୍ତି, ଯାହାଦ୍ୱାରା ଲୋକସଭା, ବିଧାନସଭାରେ ମହିଳାଙ୍କ ପାଇଁ ମୋଟ୍ ଆସନର ଏକ ତୃତୀୟାଂଶ ସଂରକ୍ଷିତ ରହିବ ।

ବିଜେପିର ନିଶିକାନ୍ତ ଦୁବେ କହିଛନ୍ତି ବିଜେପି ଭୋଟ୍ବ୍ୟାଙ୍କ ରାଜନୀତି ଅପେକ୍ଷା ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ପ୍ରଦାନ କରୁଛି । ବିରୋଧୀ ଦଳଗୁଡ଼ିକ ଏସ୍.ଆଇ.ଆର୍ ଉପରେ ରାଜନୀତି କରୁଛନ୍ତି ବୋଲି ସେ ଅଭିଯୋଗ କହିଛନ୍ତି । ଆଲୋଚନାରେ ଅଂଶ୍ରଗ୍ରହଣ କରି ଲୋକସଭା ବିରୋଧୀ ଦଳ ନେତା କଂଗ୍ରେସର ରାହୁଲ ଗାନ୍ଧୀ ଭୋଟର ତାଲିକାରେ ନକଲି ଭୋଟର ପ୍ରସଙ୍ଗ ଉତ୍ଥାପନ କରିଛନ୍ତି । ବିହାର ସଂଶୋଧିତ ଭୋଟର ତାଲିକାରେ ୧ ଲକ୍ଷ ୨୦ ହଜାର ନକଲି ଭୋଟରଙ୍କ ଫଟୋ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି ।

ଆଲୋଚନା ଆରମ୍ଭ କରି କଂଗ୍ରେସର ମନିଷ ତିୱାରୀ କହିଛନ୍ତି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା-ଏସ୍.ଆଇ.ଆର୍‌ର କାରଣ ନିର୍ବାଚନ ଆୟୋଗ ଉପସ୍ଥାପନ କରିବା ଉଚିତ୍ । ଏଭଳି ପଦକ୍ଷେପ ପାଇଁ ସମ୍ବିଧାନରେ କୌଣସି ବ୍ୟବସ୍ଥା ନାହିଁ ବୋଲି ସେ କହିଛନ୍ତି । ଦେଶର ଅନେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଚାଲିଛି; କିନ୍ତୁ ଏଥିପାଇଁ ନିର୍ବାଚନ କମିଶନଙ୍କ ପାଖରେ କୌଣସି ଆଇନ୍‌ଗତ କ୍ଷମତା ନାହିଁ ବୋଲି ସେ ଦାବି କରିଛନ୍ତି । ଶ୍ରୀ ତିୱାରୀ କହିଛନ୍ତି ଭିଭିପାଟ୍‌କୁ ସମ୍ପୂର୍ଣ୍ଣ ରୂପେ ଗଣନା କରାଯିବା ଉଚିତ୍ ନଚେତ୍ କାଗଜ ବାଲଟକୁ ଗଣତନ୍ତ୍ର ପ୍ରକ୍ରିୟାକୁ ଫେରାଇ ଅଣାଯିବା ଉଚିତ୍ । ନିର୍ବାଚନ କମିଶନ ମନୋନୀତ କରିବା କମିଟିରେ ରାଜ୍ୟସଭାରେ ବିରୋଧୀଦଳ ନେତା ଏବଂ ପ୍ରଧାନବିଚାରପତିଙ୍କୁ ସାମିଲ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ବାଲଟ ପେପର ପ୍ରକ୍ରିୟା ପୁନଃ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ତଥା ଜେଡିୟୁ ନେତା ରାଜୀବ ରଞ୍ଜନ ସିଂହ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସମର୍ଥନ କରିଛନ୍ତି । ସେ କହିଛନ୍ତି ଭାରତରେ ନିର୍ବାଚନ ସ୍ୱଚ୍ଛ ଏବଂ ନିରପେକ୍ଷ ଭାବରେ ସମ୍ପାଦିତ ହୁଏ ବୋଲି ସମଗ୍ର ବିଶ୍ୱ ପ୍ରମାଣ ପାଇଛି ।

ତୃଣମୂଳ କଂଗ୍ରେସର କଲ୍ୟାଣ ବାନାର୍ଜୀ ସଂଶୋଧନ ପ୍ରକ୍ରିୟା ନେଇ କାର୍ଯ୍ୟଚାପ ଯୋଗୁଁ ଦେଶର ବିଭିନ୍ନ ସ୍ଥାନରେ କେତେକ ବି.ଏଲ୍.ଓ ଜୀବନ ହରାଇଲେଣି ବୋଲି ସେ ଅଭିଯୋଗ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆଲୋଚନାରେ ଶିବସେନା ୟୁବିଟି ସଦସ୍ୟ ଅନୀଲ ଦେଶାଇ ଏବଂ ଆର୍‌ଜେଡିର ଅଭୟ କୁମାର ସିହ୍ନା ଅଂଶଗ୍ରହଣ କରିଥିଲେ ।  ଏନ୍‌ସିପି (ଏସ୍‌ସିପି ନେତା) ସୁପ୍ରିୟା ସୁଲେ, ଟିଡିପିର ଲାଭୁ ଶ୍ରୀକ୍ରିଷ୍ଣା ଦେବରାୟାଲୁ, ଏଲ୍‌ଜେପି ରାମବିଳାସର ଅରୁଣ ଭାରତୀ ଏବଂ ଶିବସେନାର ଶ୍ରୀକାନ୍ତ ସିନ୍ଦେ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପ୍ରେସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ମାନବାଧିକାର ଦିବସ ପାଳନ ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ସମ୍ବୋଧନ ଦେବେ । ଜାତୀୟ ମାନବାଧିକାର କମିଶନ ପକ୍ଷରୁ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ଦୈନନ୍ଦିନ ଆବଶ୍ୟକତା; ଲୋକସେବା ଏବଂ ସମସ୍ତଙ୍କ ପାଇଁ ସମ୍ମାନ ପ୍ରସଙ୍ଗ ନେଇ ବିଭିନ୍ନ ଅଧିବେଶନର ଆୟୋଜନ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ସଚିବ ଡକ୍ଟର ପି.କେ. ମିଶ୍ର ମଧ୍ୟ ବକ୍ତବ୍ୟ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍-ସୂର୍ଯ୍ୟଘର

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଅଧୀନରେ ଦେଶର ଆବାସିକ କ୍ଷେତ୍ରରେ ମୋଟ୍ ୭ହଜାର ୭୫ ଦଶମିକ ୭/୮ ମେଗାୱାଟ ସୌରଶକ୍ତି ୟୁନିଟ୍ ଛାତଉପରେ ସ୍ଥାପନ କରାଯାଇଛି । ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ ନୂତନ ଓ ନବୀକରଣୀୟଯୋଗ୍ୟ ଶକ୍ତିରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାୟକ କହିଛନ୍ତି ଆସନ୍ତା  ଆର୍ଥିକ ବର୍ଷ ସୁଦ୍ଧା ୧ କୋଟି ପରିବାର ଛାତ ଉପରେ ସୌରଶକ୍ତି ୟୁନିଟ୍ ସ୍ଥାପନର ଲକ୍ଷ୍ୟ ରଖାଯାଇଛି । ଏ ବାବଦରେ ୭୫ହଜାର ୨୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ଯୋଜନା ଅଧୀନରେ ମୋଟ୍ ୧ ହଜାର ୮୨୮ ଦଶମିକ ୦/୫ ମେଗାୱାଟ ଛାତ ଉପରେ ସୌରଶକ୍ତି ୟୁନିଟ୍ ସ୍ଥାପନ କରି ଗୁଜୁରାଟ ଦେଶର ପ୍ରଥମ ରାଜ୍ୟ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

ଜାତୀୟ ପୋର୍ଟାଲରେ ମୋଟ୍ ୫୩ଲକ୍ଷ ୫୪ହଜାର ୯୯ ଆବେଦନପତ୍ର ଗ୍ରହଣ କରାଯାଇଛି । ସମଗ୍ର ଦେଶରେ ୧୯ଲକ୍ଷ ୧୭ହଜାର ୬୯୮ଟି ଛାତ ଉପରେ ସୌରଶକ୍ତି ୟୁନିଟ୍ ସ୍ଥାପନ କରାଯାଇଛି ବୋଲି ଶ୍ରୀ ନାୟକ ଗୃହକୁ ସୂଚନା ଦେଇଛନ୍ତି । ଏହି ଯୋଜନା ଅଧୀନରେ ହିତାଧିକାରୀଙ୍କୁ କେନ୍ଦ୍ରୀୟ ଆର୍ଥିକ ସହାୟତା ବାବଦରେ ମୋଟ୍ ୧୩ହଜାର ୭୯୩ କୋଟି ୧୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି ।

## ଇଣ୍ଡିଆ ବ୍ରୁନେଇ

ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ସ୍ଥିରତା ବଜାୟ ରଖିବା ପାଇଁ ଭାରତ ଓ ବ୍ରୁଣେଇ ସହଭାଗି ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ନୂଆଦିଲ୍ଲୀରେ ପ୍ରତିରକ୍ଷା ସହଯୋଗ ଉପରେ ଆଧାରିତ ମିଳିତ କାର୍ଯ୍ୟଗୋଷ୍ଠୀ ଉଦ୍‌ଘାଟନୀ ବୈଠକରେ ଉଭୟପକ୍ଷ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସହଭାଗିତା ବୃଦ୍ଧିକୁ ସ୍ୱାଗତ କରିଛନ୍ତି । କାର୍ଯ୍ୟଗୋଷ୍ଠୀ ଅନ୍ତର୍ଗତ ସହଯୋଗ ପାଇଁ ଏକ ସୁ-ବ୍ୟବସ୍ଥିତ ରୋଡମ୍ୟାପ୍ କାର୍ଯ୍ୟକାରୀ କରିବାକୁ ଉଭୟପକ୍ଷ ସହମତ ହୋଇଛନ୍ତି । ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରଣାଳୟର ଯୁଗ୍ମସଚିବ ଅମିତାଭ ପ୍ରସାଦ ଏବଂ ବ୍ରୁଣେଇର ପ୍ରତିରକ୍ଷା ଉପସ୍ଥାୟୀ ସଚିବ ପୋହ କୁଇ ଚୁନ୍ ସହ ଅଧ୍ୟକ୍ଷତା କରିଥିଲେ ।

## ଜଳଶକ୍ତି ହାକାଥନ

ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ନୂଆଦିଲ୍ଲୀରେ ଆଜି ଜଳଶକ୍ତି ହାକାଥନ ୨୦୨୫ ଏବଂ ଭାରତ - ୱିନ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି । ହାକାଥନକୁ ଏକ ଗଣ ଆନ୍ଦୋଳନ ଭାବେ ବର୍ଣ୍ଣନା କରି ମନ୍ତ୍ରୀ ଶ୍ରୀ ପାଟିଲ କହିଛନ୍ତି ଏକ ସୁରକ୍ଷିତ, ଅର୍ନ୍ତଭୁକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ଚାଳିତ ଜଳ ଭବିଷ୍ୟତ ଗଠନ ପାଇଁ ସାମୁହିକ ପ୍ରତିଭାକୁ ସଂଗଠିତ କରିପାରିବ । ଜଳଶକ୍ତି ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଜଳ ସଂରକ୍ଷଣ କ୍ଷେତ୍ରରେ

ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ପ୍ରତ୍ୟେକ ଅଂଶୀଦାରଙ୍କୁ ସୁଲଭ ଏବଂ ସାର୍ବଜନୀନ ହିତକର କାର୍ଯ୍ୟ ପାଇଁ ସହଯୋଗ ପ୍ରଦାନ କରିବା ହେଉଛି ହାକାଥନର ମୂଳଲକ୍ଷ୍ୟ । ଭାରତ ୱିନ୍ ପୋର୍ଟାଲ ମାଧ୍ୟମରେ ତୃଣମୂଳସ୍ତରରେ ଏ କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ସମାଧାନ ତ୍ୱରିତ ଭାବେ କରାଯାଇପାରିବ । ଏଭଳି ପଦକ୍ଷେପ ଜଳକ୍ଷେତ୍ରରେ ଗବେଷଣାର ପରିସରକୁ ବୃଦ୍ଧି କରିବା ସହ ବିଭିନ୍ନ ଅଂଶୀଦାରଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବ ବୋଲି ମନ୍ତ୍ରଣାଳୟ କହିଛି ।

## ଏସ୍‌ସି-ଏସ୍‌ଆଇଆର୍

ଦେଶରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଦ୍ୱିତୀୟ ପର୍ଯ୍ୟାୟ ପ୍ରକ୍ରିୟାରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକକୁ ସୁପ୍ରିମକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ପଶ୍ଚିମବଙ୍ଗ ଏବଂ ଅନ୍ୟାନ୍ୟ ରାଜ୍ୟରେ ଏଥିପାଇଁ ନିୟୋଜିତ ବିଏଲ୍‌ଓ ଏବଂ ଅନ୍ୟ ଅଧିକାରୀଙ୍କୁ ଧମକ ଦିଆଯାଉଥିବା ଘଟଣାକୁ ସୁପ୍ରିମକୋର୍ଟ ଗମ୍ଭୀର ଭାବେ ଗ୍ରହଣ କରିବା ସହ ସେହି ପ୍ରସଙ୍ଗ ଗୁଡ଼ିକୁ କୋର୍ଟଙ୍କ ଦୃଷ୍ଟିକୁ ଆଣିବାକୁ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ଏସ୍‌ଆଇଆର୍ କାର୍ଯ୍ୟରେ ବିଭିନ୍ନ ରାଜ୍ୟରେ ଅସହଯୋଗକୁ

ଗୁରୁତ୍ୱର ସହ ଗ୍ରହଣ କରିବାକୁ ନିର୍ବାଚନ ପ୍ୟାନେଲକୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି ।

## କ୍ରିକେଟ୍ ଖେଳାଳି

କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ ଆରମ୍ଭ ହୋଇଛି। ଟସ୍ ଜିତି ଦକ୍ଷିଣ ଆଫ୍ରିକା ବୋଲିଂ କରିବାକୁ ନିଷ୍ପତ୍ତି ନେବା ସହ ଭାରତ ବର୍ତ୍ତମାନ ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ୨ ଓଭର ସୁଦ୍ଧା ଭାରତ ୧ ଓ୍ୱିକେଟ୍ ହରାଇ ୭ ରନ୍ ସଂଗ୍ରହ କରିଛି ।

ବାରବାଟୀରେ ଏହା ଚତୁର୍ଥ ଅନ୍ତର୍ଜାତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ହୋଇଥିବାବେଳେ ଭାରତ ଓ ଦକ୍ଷିଣ ଆଫ୍ରିକା ତୃତୀୟଥର ପାଇଁ ବାରବାଟୀରେ ମ୍ୟାଚ୍ ଖେଳୁଛନ୍ତି। ପାଞ୍ଚ ମ୍ୟାଚ ବିଶିଷ୍ଟ ଏହି ଟି-ଟ୍ୱେଣ୍ଟି ଶୃଙ୍ଖଳାର ପ୍ରଥମ ମ୍ୟାଚ ଦେଖିବା ଲାଗି ୪୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି।

## ଇସିଆଇ-ଏସ୍ଆଇଆର୍

ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଦ୍ୱିତୀୟ ପର୍ଯ୍ୟାୟ ପ୍ରକ୍ରିୟା ଆରମ୍ଭ ହେବା ଦିନଠାରୁ ଇତିମଧ୍ୟରେ ୫୦ କୋଟି ୯୯ଲକ୍ଷରୁ ଅଧିକ ଗଣନା ଫର୍ମ ବଣ୍ଟନ କରାଯାଇ ସାରିଛି ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ଏହି ପର୍ଯ୍ୟାୟରେ ସାମିଲ ହୋଇଥିବା ୫୧ କୋଟି ଭୋଟରଙ୍କ

ମଧ୍ୟରୁ ଏହା ୯୯ ଦଶମିକ ୯/୭ ପ୍ରତିଶତ ହୋଇଛି । ଏପର୍ଯ୍ୟନ୍ତ ପ୍ରାୟ ୫୦ କୋଟି ଫର୍ମ ଡିଜିଟାଇଜେସନ କରାଯାଇ ସାରିଛି । ଆୟୋଗ କହିଛନ୍ତି ଏହି ପର୍ଯ୍ୟାୟରେ ସାମିଲ ହୋଇଥିବା ୯ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକରେ ଫର୍ମ ଦାଖଲର ଶେଷ ତାରିଖ ୧୧ ତାରିଖ ଧାର୍ଯ୍ୟ ହୋଇଥିବାବେଳେ କେରଳ ପାଇଁ ଆସନ୍ତା ୧୮ ତାରିଖ ସମୟସୀମା ଧାର୍ଯ୍ୟ ହୋଇଛି । ଆସନ୍ତା ଫେବୃୟାରୀ ୧୪ ତାରିଖରେ ଏହି ପର୍ଯ୍ୟାୟର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଆୟୋଗ କହିଛନ୍ତି ।